ଭାଷା ଓ ସାକ୍ଷରତା

# ଗଳ୍ପ କଥନ

# Storytelling





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

## ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ୍-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି । ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ । ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।



ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ । ମୂଳ ଇଂରାଜୀ ଲେଖାକୁ ଶ୍ରୀମତୀ ବିଦୁ୍ଲତା ମିଶ୍ର ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି । ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖା http://creativecommons.org/ licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଶ୍ରେଣୀକକ୍ଷରେ ଶିକ୍ଷଣ ଓ ଭାଷାର ବିକାଶ ପାଇଁ ଭିନ୍ନ ଭିନ୍ନ ଉପାୟରେ ଗଳ୍ପକଥନର ଅବଦାନ, ଏହି ଏକକର ମୁଖ୍ୟ ଉଦ୍ଦେଶ୍ୟ । ଶିକ୍ଷାର୍ଥୀମାନଙ୍କ ପାଇଁ ଗଳ୍ପକଥନ ଅଧିବେଶନର ଯୋଜନା ଓ ମୂଲ୍ୟାୟନ କିପରି କରିବେ ତାହା ଏହି ଏକକ ମାଧ୍ୟମରେ ଜାଣି ହେବ । ଶିକ୍ଷାର୍ଥୀମାନେ ନିଜେ ନିଜେ ଗଳ୍ପ ସଂଗ୍ରହ କରି କିପରି ଉପସ୍ଥାପନ କରିବେ ଓ ଏଥିପାଇଁ ଆପଣ କିପରି ଉତ୍ସାହିତ କରିବେ ସେ ବିଷୟରେ ବିଭିନ୍ନ ଉପାୟ ଏହି ଏକକରେ ସୂଚୀତ ହୋଇଛି । ଗଳ୍ପକଥନ ଅଭିଜ୍ଞତା ଏପରି ହେବା ଉଚିତ୍ ଯାହା ଶିକ୍ଷାର୍ଥୀମାନେ ବହୁତ ଦିନ ଧରି ମନେରଖିବେ ।

## ଏହି ଏକକରୁ କଣ ଶିଖିବେ

- ଗଳ୍ପକଥନର ବିଭିନ୍ନ କୌଶଳ
- ପିଲାମାନଙ୍କ ପାଇଁ ଗଳ୍ପକଥନ ଅଧିବେଶନର ଯୋଜନା ଓ ମୂଲ୍ୟାୟନ
- ଗଳ୍ପକଥନ ପାଇଁ ଗୋଷ୍ଠୀରୁ ସାଂସ୍କୃତିକ ତଥା ପାରମ୍ପରିକ ଗପ ସଂଗ୍ରହ

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ଗଳ୍ପକଥନ ଉଚ୍ଚପଠନ ଠାରୁ ଭିନ୍ନ, କାରଣ ଏହା ପାଠ୍ୟପୁସ୍ତକରୁ ନୁହେଁ ମନରୁ କୁହାଯାଇଥାଏ । ଗଳ୍ପ କହୁଥିବା ବ୍ୟକ୍ତିହିଁ ଏହାର ଏକମାତ୍ର ଉତ୍ସ । 'ଜୀବନର ଅର୍ଥ' ବୁଝିବାରେ ଗଳ୍ପ ସହାୟକ ହୋଇଥାଏ ।

ଅତୀତରୁ ଚଳି ଆସୁଥିବା ପାରମ୍ପରିକ କାହାଣୀ ମଣିଷ ସମାଜ ବା ଗୋଷ୍ଠୀ ସହିତ ଜଡିତ ମୂଲ୍ୟବୋଧ ଓ ରୀତିନୀତିକୁ ବୁଝାଇ ଦେଇଥାଏ । ଭାଷା ଓ ସଂସ୍କୃତିର ବିବିଧତା, ଭାରତବର୍ଷକୁ ବିଶେଷ ଭାବରେ ଉଚ୍ଚକୋଟୀର ଲୋକକଥା ପରି ସଂପଦରେ ମଣ୍ଡିତ କରିଛି ।

ଶିକ୍ଷାର୍ଥୀମାନଙ୍କର ଭାଷାଗତ ଦକ୍ଷତା ବିକାଶରେ ଗଳ୍ପକଥନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ବୁଦ୍ଧି ଓ ଜ୍ଞାନକୁ ସ୍ମରଣୀୟ ଢଙ୍ଗରେ ଆଗେଇ ନିଏ ନାହିଁ, ବରଂ ଶିକ୍ଷାର୍ଥୀମାନଙ୍କର କଳ୍ପନା ଶକ୍ତିର ବିକାଶରେ ସାହାଯ୍ୟ କରିଥାଏ । କାରଣ ବିଭିନ୍ନ ଦେଶ ଓ କାଳର ଚିନ୍ତାଧାରା ତଥା ବାସ୍ତବ ଓ କାଳ୍ପନିକ ଚରିତ୍ରମାନଙ୍କ ସହିତ ସେମାନେ ପରିଚିତ ହୁଅନ୍ତି ।

## ୧ ଗଳ୍ପକଥନର ବ୍ୟବହାର କାହିଁକି ?

ଶ୍ରେଣୀରେ ଗଳ୍ପକଥନ ଏକ ପ୍ରଭାବଶାଳୀ ମାଧ୍ୟମ । ଏଗୁଡିକ କୌତୁକିଆ, ପ୍ରେରଣାଦାୟକ ଓ ଆହ୍ୱାନମୂଳକ ହୋଇଥାଏ । ଗପ, ଶ୍ରୋତାମାନଙ୍କୁ ଗତାନୁଗତିକ ଜୀବନରୁ ଏକ କାଳ୍ପନିକ ଜଗତକୁ ନେଇଯାଇଥାଏ । ନୂତନ ଚିନ୍ତାଧାରାର ଅନ୍ୱେଷଣ ପାଇଁ ଗପଗୁଡ଼ିକ ଖୋରାକ୍ ଯୋଗାଇ ଥାଏ । ଏକ କାଳ୍ପନିକ ତଥା ଭୟମୁକ୍ତ ପରିସ୍ଥିତିରେ ଯେ କୌଣସି ସମସ୍ୟା ଓ ଭାବନାର ଗଭୀରତାକୁ ଜାଣିବା ପାଇଁ ସାହାଯ୍ୟ କରିଥାଏ । ଗଣିତ ଓ ବିଜ୍ଞାନ ସମେତ ବିଭିନ୍ନ ପାଠ୍ୟକ୍ରମର ପ୍ରତ୍ୟେକଟି ବିଷୟକୁ ଭାବ ଉଦ୍ଦୀପକ ଶୈଳୀରେ ଉପସ୍ଥାପନ କରିବା ପାଇଁ ଗଳ୍ପକଥନକୁ ମାଧ୍ୟମ କରାଯାଇ ପାରେ ।



ଟିକିଏ ଚିନ୍ତା କରନ୍ତୁ

ଆପଣଙ୍କ ପିଲାଦିନ କଥାକୁ ମନେ ପକାନ୍ତୁ ।

- ଆପଣଙ୍କୁ କେହି ଗପ କହିବା ମନେ ଅଛି କି ? କିଏ କହିଥିଲେ ? ବାପା, ମାଆ, ଜେଜେବାପା, ଜେଜେମାଆ, ଅଜା, ଆଇ କିମ୍ବା ଆପଣଙ୍କ ଭାଇ ଭଉଣୀରୁ କେହି ? ସେଥିରୁ କୌଣସି ଗପ ମନେ ଅଛି କି ? ସେଗୁଡ଼ିକ କାହିଁକି ଗୁରୁତ୍ୱପୂର୍ଣ୍ଣ ?

- ଆପଣ ଶେଷଥର ପାଇଁ କାହାକୁ ଗପ କହିଥିଲେ ? ଏହା ଆପଣଙ୍କ ଜୀବନ ଅନୁଭୂତି ନା ଏକ କାଳ୍ପନିକ କାହାଣୀ ।

ଆମ ଜୀବନରେ ଗପର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଶ୍ରେଣୀଗୃହରେ ଯେ ଏହା ଏକ ମୂଲ୍ୟବାନ ସମ୍ବଳ ହୋଇପାରେ ଏକଥା ପରିସ୍ଥିତି ଅଧ୍ୟୟନ ୧ ପଢିଲେ ଜାଣିହେବ ।

## ପରିସ୍ଥିତି ଅନୁଧ୍ୟାନ ୧ : ଗଳ୍ପକଥନ ପାଇଁ ପ୍ରସ୍ତୁତି

*ଶ୍ରୀଯୁକ୍ତ ସୁଦର୍ଶନ ମୟୁରଭଞ୍ଜ ଜିଲ୍ଲା ବେତନଟୀର ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ଗଳ୍ପକଥନରେ ଛୋଟ ପିଲାଙ୍କୁ ସେ କିପରି କାର୍ଯ୍ୟରତ ରଖିଥାନ୍ତି ତାହା ଏଠାରେ ବୁଝାଇଛନ୍ତି ।*

ମୁଁ ଖୁବ୍ ଛୋଟ ପିଲା ଥିଲାବେଳେ ମୋ ଜେଜେମାଆ ମୋତେ ପ୍ରତ୍ୟେକ ସନ୍ଧ୍ୟାରେ କାହାଣୀ ଶୁଣାଉଥିଲେ । ମୁଁ ମନ୍ତ୍ରମୁଗ୍ଧ ହୋଇ ଯାଉଥିଲି । ଏବେ ସେ କାହାଣୀରୁ କିଛି ମୋ ପିଲାମାନଙ୍କୁ ଶୁଣାଏ, ଠିକ୍ ସେହି ଢଙ୍ଗରେ ଯେପରି ମୋ ଜେଜେମାଆ ମୋତେ କହୁଥିଲେ ।

ବିଦ୍ୟାଳୟରେ ମୁଁ ପ୍ରଥମ ଶ୍ରେଣୀଠାରୁ ତୃତୀୟ ଶ୍ରେଣୀ ପିଲାଙ୍କୁ ପଢାଏ । ପ୍ରତ୍ୟେକ ସପ୍ତାହରେ ମୁଁ କହୁଥିବା କାହାଣୀଗୁଡିକୁ ଶୁଣିବାକୁ ସେମାନେ ଭଲ ପାଆନ୍ତି । କିଛି ଶିକ୍ଷକଙ୍କ ପାଇଁ ମନେପକାଇ କାହାଣୀ କହିବା କଷ୍ଟକର ହୋଇଥାଏ । ତେଣୁ ସେମାନେ ବହିରୁ ପଢି ଶୁଣାଇବାକୁ ପସନ୍ଦ କରନ୍ତି । ବୋଧହୁଏ ଏହା ତାଙ୍କ ପାଇଁ ନିରାପଦ ଉପାୟ । ଅବଶ୍ୟ ଗଳ୍ପ କଥନ ପାଇଁ ଅଭ୍ୟାସ ଓ ଆତ୍ମବିଶ୍ୱାସ ଥିବା ଆବଶ୍ୟକ । କିନ୍ତୁ ଏଥିରେ ସାର୍ଥକତା ଅଛି ।

ନୂଆ କାହାଣୀଟି ପାଇଁ ମୁଁ ମୋର ଝିଅ ବା କୌଣସି ଶ୍ରୋତାକୁ କହି ପ୍ରାକ୍ ପ୍ରସ୍ତୁତି କରିଥାଏ । କାହାଣୀର ମୁଖ୍ୟାଂଶ ପାଇଁ ବର୍ଣ୍ଣନାକାରୀର ସ୍ୱର ବାସ୍ତବଧର୍ମୀ କରିଥାଏ । କିନ୍ତୁ ବିଭିନ୍ନ ଚରିତ୍ର ପାଇଁ ଭିନ୍ନ ଭିନ୍ନ ସ୍ୱରରେ କହିଥାଏ । ମୁଁ ମୁଖଭଙ୍ଗୀ ଦ୍ୱାରା ଦୁଃଖ, ବିସ୍ମୟ ଆଦି ଭାବନାଗୁଡିକୁ ପ୍ରକାଶ କରିଥାଏ । ମୁଁ ଗପ କହିବା ବେଳେ ପିଲାଙ୍କୁ ଅନୁଧ୍ୟାନକରି ସେମାନେ ବୁଝି ପାରୁଛନ୍ତି କି ନାହିଁ, କହିଦେଇପାରେ ।



### ଟିକିଏ ଚିନ୍ତା କରନ୍ତୁ

ପିଲାମାନଙ୍କୁ କାହାଣୀରେ ମନୋଯୋଗୀ କରିବାପାଇଁ ଶ୍ରୀଯୁକ୍ତ ସୁଦର୍ଶନ କେଉଁ କେଉଁ ଉପାୟ ଅବଲମ୍ବନ କରନ୍ତି ?

ଆପଣଙ୍କ ମତ ସହ ଆମ ମତଗୁଡିକର ତୁଳନା କରନ୍ତୁ:-

- ସେ ଭିନ୍ନ ଭିନ୍ନ ପ୍ରକାରରେ କଣ୍ଠସ୍ୱରର ବ୍ୟବହାର କରନ୍ତି ।
- ସେ ମୁଖଭଙ୍ଗୀ ଓ ଅଙ୍ଗଭଙ୍ଗୀର ସାହାଯ୍ୟ ନିଅନ୍ତି ।
- ସେ ପିଲାମାନଙ୍କର ପ୍ରତିକ୍ରିୟା ଲକ୍ଷ୍ୟ କରନ୍ତି ।

ବର୍ତ୍ତମାନ ସମ୍ବଳ-୧, "ଗଳ୍ପ କଥନ, ଗୀତ, ଭୂମିକା ଅଭିନୟ ଓ ନାଟକ' ପଢନ୍ତୁ ।



ଭିଡିଓ : ଗଳ୍ପକଥନ , ଗୀତ, ଭୂମିକା ଅଭିନୟ ଓ ନାଟକ

## ୨ ଶ୍ରେଣୀଗୃହରେ କାହାଣୀର ବ୍ୟବହାର

ଗପ ଶୁଣିବା ଦ୍ୱାରା ପିଲାମାନେ ନୂଆ ନୂଆ ଶବ୍ଦ, ବାକ୍ୟାଂଶ ଓ ବାକ୍ୟ ଗଠନ ପ୍ରକ୍ରିୟା ସହିତ ପରିଚିତ ହୋଇଥାନ୍ତି, ଯାହା ଫଳରେ ସେମାନଙ୍କର ଲେଖିବା ଓ କହିବାରେ ଭାବବିନିମୟ ଦକ୍ଷତା ବୃଦ୍ଧି ପାଇଥାଏ । କାହାଣୀ ଶୁଣିବା ତଥା ନିଜେ ନିଜେ କାହାଣୀ କହିବାର ସୁଯୋଗ ଦ୍ୱାରା ଶିକ୍ଷାର୍ଥୀମାନଙ୍କର ଭାଷାଗତ ଦକ୍ଷତାର ବିକାଶ ଘଟିଥାଏ ।



କାର୍ଯ୍ୟ-୧ : ଶ୍ରେଣୀଗୃହରେ କାହାଣୀ / ଗପର ବ୍ୟବହାର

### ଶିକ୍ଷଣକାର୍ଯ୍ୟ ୧ : ତିନୋଟି ଗପ

ସମ୍ବଳ-୨ ରେ ଥିବା ଗପ ତିନିଟି ପଢନ୍ତୁ: 'ବଡପାଟିଆ ବେଙ୍ଗୁଲୀ', 'ବୁଢା ବାଘ ଓ ଲୋଭୀ ବାଟୋଇ'' ଓ 'ପାରସ୍ପର ଗୋଟିଏ କାହାଣୀ', ଏଠାରେ ଦିଆଯାଇଥିବା ଗପଗୁଡିକ ଭିନ୍ନ ପ୍ରକାରର । ନିମ୍ନରେ ଏହାର ତିନୋଟି ବର୍ଣ୍ଣନା ଦିଆଗଲା ।

ପ୍ରତିଟି ବର୍ଣ୍ଣନା କେଉଁ ଗପର ସଠିକ୍ ଅନୁରୂପ ?

- ଗୋଟିଏ କାହାଣୀ ଏକାଧିକ ପୁନରୋକ୍ତି ଓ ହାସ୍ୟରସରେ ପୂର୍ଣ୍ଣ । ଏହା ଭାଷା ଓ ସାହିତ୍ୟର ବିକାଶ ପାଇଁ ବିଶେଷ ଉପଯୋଗୀ । ଗପ କହୁଥିବା ବ୍ୟକ୍ତିଟିର ଅଙ୍ଗଭଙ୍ଗୀ ଅନୁସାରେ ଶିକ୍ଷାର୍ଥୀମାନେ ବାକ୍ୟାଂଶ ଗୁଡିକର ପୁନରାବୃତ୍ତି ଓ ମୂକ ଅଭିନୟ କରୁଥିଲେ ।
- ଦ୍ୱିତୀୟଟି ପାରମ୍ପରିକ ନୀତିଶିକ୍ଷା ଦେଉଥିବା ଗୋଟିଏ ଗପ ।
- ଅନ୍ୟଗପଟି ମଧ୍ୟ ଏକ ପାରମ୍ପରିକ ଗପ ଯେଉଁଥିରେ ମିଶାଣ, ହରଣ, ଯୁଗ୍ମ ଓ ଅଯୁଗ୍ମ ସଂଖ୍ୟା ପରି ଗାଣିତିକ ଧାରଣା ଅନ୍ତର୍ଭୁକ୍ତ । ଏଥିରୁ ଗୋଟିଏ ବା ଅଧିକ ଗପ ବାଛନ୍ତୁ । ନିଜର ପରିବାର ବା ସହକର୍ମୀଙ୍କୁ ଏହା ପଢି ଶୁଣାଇବାର ଅଭ୍ୟାସ କରନ୍ତୁ । ଏହାପରେ ବହିର ସାହାଯ୍ୟ ନନେଇ ନିଜ ଭାଷାରେ କହିବାକୁ ପ୍ରୟାସ କରନ୍ତୁ । ଗପର କୌଣସି ଅଂଶ ବିନା ଦ୍ୱିଧାରେ ପରିବର୍ତ୍ତନ କରିପାରନ୍ତି । ବହିରେ ଯେପରି ଲେଖା ଅଛି ଅବିକଳ ସେହିପରି ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ଆବଶ୍ୟକତା ଅନୁଯାୟୀ ଗପ ସହିତ ତାଳ ଦେଇ ପାରୁଥିବା ଭଳି ଅଙ୍ଗଭଙ୍ଗୀ ମାଧ୍ୟମରେ ଭାବ ପ୍ରକାଶ କରି ପାରନ୍ତି ।

ପରବର୍ତ୍ତୀ କାର୍ଯ୍ୟରେ ଶ୍ରେଣୀପାଇଁ ଗପ ଅଧିବେଶନର ଯୋଜନା କିପରି ହେବ ତାହା ଦର୍ଶାଯାଇଛି । ଶିକ୍ଷଣ କାର୍ଯ୍ୟ-୧ରେ ଥିବା ଗପଗୁଡ଼ିକ ଭିତରୁ ଗୋଟିଏ ବାଛନ୍ତୁ ବା ଆପଣଙ୍କୁ ଭଲ ଲାଗୁଥିବା ଓ ବର୍ଣ୍ଣନା କରିବା ପାଇଁ ନିଜ ଉପରେ ଭରସା ଥିବା ଭଳି ଅନ୍ୟ ଯେ କୌଣସି ଗୋଟିଏ ଗପ ବାଛନ୍ତୁ ।

## ଶିକ୍ଷଣକାର୍ଯ୍ୟ ୨ : 'ଗଳ୍ପକଥନ' ପାଇଁ ପାଠ ଯୋଜନା

ଆପଣଙ୍କ ଶ୍ରେଣୀ ପାଇଁ ଉପଯୁକ୍ତ ଗପଟିଏ ବାଛନ୍ତୁ । କୌଣସି ପରିଚିତ ଲୋକଗପ ମଧ୍ୟ ନେଇପାରନ୍ତି, ପାଠ୍ୟପୁସ୍ତକରେ ଥିବା ଗଳ୍ପ ଭଳି ଗପଟିଏ ପ୍ରସ୍ତୁତ କରିପାରନ୍ତି କିମ୍ବା ଆପଣ ବା ଅନ୍ୟ କେହି ଅଙ୍ଗେ ନିଭାଇଥିବା ଚିତ୍ତାକର୍ଷକ ଅନୁଭୂତି ବର୍ଣ୍ଣନା କରିପାରନ୍ତି ।

ଏହି ଉଦାହରଣରେ ସମ୍ବଳ-୨ରେ ଥିବା "ବଡପାଟିଆ ବେଙ୍ଗୁଲୀ" ଗପଟି ବ୍ୟବହାର କରାଯାଇଛି, କିନ୍ତୁ ଆପଣ ଯେ କୌଣସି ଗଳ୍ପ ନେଇ ପାରନ୍ତି ଓ ଏହାର ପାଠଯୋଜାନ ପ୍ରସ୍ତୁତ କରିପାରନ୍ତି ।



ଚିତ୍ର ୨ ବଡପାଟିଆ ବେଙ୍ଗୁଲୀ

- ଗପଟି ଭଲ ଭାବରେ ଶିଖି ନିଅନ୍ତୁ ଓ ବହିର ଲେଖା ବ୍ୟବହାର ନକରି ବର୍ଣ୍ଣନା କରିବା ଅଭ୍ୟାସ କରନ୍ତୁ । ପ୍ରତ୍ୟେକ ଚରିତ୍ର ପାଇଁ ଭିନ୍ନ ଭିନ୍ନ କଣ୍ଠସ୍ୱର, ଅଭିବ୍ୟକ୍ତି ଓ ଅଙ୍ଗଭଙ୍ଗୀ ବ୍ୟବହାର କରନ୍ତୁ ।
- ଗଳ୍ପରେ ଥିବା ମୁଖ୍ୟ ଶବ୍ଦ ଓ ଅଭିବ୍ୟକ୍ତି ଗୁଡିକୁ ଚିହ୍ନଟ କରନ୍ତୁ (ଯଥା : ବେଙ୍ଗ, ଛେଳି, ଭାଲୁ, ବଡପାଟିଆ, ମାଆ, ଦୁଧ, ମଂଜି, ପୋକ) । ମୁଖ୍ୟ ଶବ୍ଦ ଗୁଡିକୁ ବୁଝାଇବା ପାଇଁ ଚିତ୍ର ଆଙ୍କି ଦିଅନ୍ତୁ ବା ସହାୟକ ଶିକ୍ଷଣ ସାମଗ୍ରୀ ଯୋଗାଡ କରନ୍ତୁ । ଆପଣ ଗପଟି ବର୍ଣ୍ଣନା କରିବା ବେଳେ ଚିତ୍ର ଓ ସାମଗ୍ରୀ ଗୁଡିକ ଗପଟି ମନେରଖିବା ପାଇଁ ଆପଣଙ୍କୁ ସାହାଯ୍ୟ କରିବ ।
- ଆପଣଙ୍କ ଚାରିପାଖେ ପିଲାମାନଙ୍କୁ ଠିଆ କରାଇ କିଛି ପ୍ରାରମ୍ଭିକ ପ୍ରଶ୍ନ ପଚାରନ୍ତୁ , ଯଥା – ବେଙ୍ଗ ବିଷୟରେ କିଛି ଜାଣିଛ ?
  - ଏହା ଦେଖିବାକୁ କିପରି ?
  - ଏହା କିପରି ବୋବାଏ ?
  - ଏହା କିପରି ଡିଏଁ ? ମତେ ଦେଖାଇ ପାରିବ ?
  - ତୁମେ ଜାଣିଛ କି ବେଙ୍ଗ କ'ଣ ଖାଇବାକୁ ପସନ୍ଦ କରେ ?
  - ଗପରେ ଥିବା ଅନ୍ୟ ଜୀବଜନ୍ତୁଙ୍କ ବିଷୟରେ କିଛି କୁହନ୍ତୁ ଏବଂ ସେମାନଙ୍କ ବିଷୟରେ କିଛି ପ୍ରଶ୍ନ ପଚାରନ୍ତୁ ।
- ପିଲାମାନେ ବୁଝି ପାରିଲା ଭଳି, ସେମାନେ ଘରେ ବ୍ୟବହାର କରୁଥିବା ଭାଷା ଏବଂ ଆବଶ୍ୟକ ସ୍ଥଳେ, ନୂଆ ଶବ୍ଦ ବା ଅଭିବ୍ୟକ୍ତି ବ୍ୟବହାର କରନ୍ତୁ ।
- 'ବଡପାଟିଆ ବେଙ୍ଗୁଲୀ' ବିଷୟରେ ଗପଟିଏ କହିବେ ବୋଲି ପିଲାଙ୍କୁ ବୁଝାଇ ଦିଅନ୍ତୁ । ବଡ ମୁହଁଟି କିପରି ହେବ, ପାଟି ମେଲାକରି ଦେଖାଇ ଦିଅନ୍ତୁ ।
- ଭିନ୍ନ ଭିନ୍ନ ଚରିତ୍ର ପାଇଁ ସ୍ୱର ବଦଳାଇ କାହାଣୀଟି କୁହନ୍ତୁ । ବିଶେଷ ପ୍ରଭାବ ପାଇଁ ସ୍ୱରମାତ୍ରା ପରିବର୍ତ୍ତନ କରନ୍ତୁ । (କେତେବେଳେ ଉଚ୍ଚସ୍ୱରରେ ଓ କେତେବେଳେ ଫୁସ୍‌ଫୁସ୍ କରି କୁହନ୍ତୁ) । ତାହା ସହିତ ଉପଯୁକ୍ତ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତୁ ତଥା ଆବଶ୍ୟକ ଚିତ୍ର ଓ ଶିକ୍ଷଣ ସାମଗ୍ରୀ ଦେଖାନ୍ତୁ ।
- କାହାଣୀର ବର୍ଣ୍ଣନାରୁ ମଝିରେ ମଝିରେ ବିରାମ ନେଇ ଏହିପରି କିଛି ପ୍ରଶ୍ନ ପଚାରନ୍ତୁ ।
  - ମାଆ ଚଢେଇଟି ତାର ଛୁଆମାନଙ୍କୁ କ'ଣ ଖାଇବାକୁ ଦିଏ ବୋଲି ତୁମେ ଭାବୁଛ ?
  - ଏବେ ସେ କାହାକୁ ଦେଖା କରିବାକୁ ଯିବ ବୋଲି ଭାବୁଛ ?
- କାହାଣୀର ଶେଷ ସମ୍ପର୍କରେ (ଏହି ପ୍ରଶ୍ନର ଉତ୍ତର ସଂପର୍କିତ ଚିତ୍ର ଯଦି ଆପଣଙ୍କ ପାଖରେ ଥାଏ, ତେବେ ପିଲାମାନଙ୍କୁ ଏହା ଦେଖାନ୍ତୁ) ସଂପୂର୍ଣ୍ଣ ଶ୍ରେଣୀ ସହ ଆଲୋଚନା କରନ୍ତୁ । ଏହି ପ୍ରଶ୍ନଗୁଡିକ ପରି କିଛି ପ୍ରଶ୍ନ ପଚାରନ୍ତୁ ।

- ○ ବେଙ୍ଗଟି କାହିଁକି ଡରିଯାଇଥିଲା ?
- ○ ବେଙ୍ଗଟି ଭାଲୁକୁ କିପରି ଉତ୍ତର ଦେଲା ଓ କାହିଁକି ?
- ○ ଏହାପରେ ବେଙ୍ଗ କ'ଣ କରିଥିବ ବୋଲି ତୁମେ ଭାବୁଛ ?

- ଗପଟି କିପରି ଆଗେଇଲା ଚିନ୍ତା କରନ୍ତୁ ଓ ଟିପି ରଖନ୍ତୁ । କେଉଁ ଅଂଶଟି ବିଶେଷ ପ୍ରଭାବ ପକାଇଲା ? ପରବର୍ତ୍ତୀ କାଳରେ କେଉଁ ବିଭାଗଟି ଅଧିକ ଉନ୍ନତି କରିପାରିବ ? ଶ୍ରେଣୀର ସମସ୍ତ ପିଲା କାର୍ଯ୍ୟରତ ଥିଲେ କି ? ଯଦି କିଛି ପିଲା ନବୁଝି ପାରିଲା ଭଳି ମନେହେଲା ତେବେ ଏହାର କାରଣ କଣ ହୋଇପାରେ ? ସମସ୍ତ ଶିକ୍ଷାର୍ଥୀ ଉତ୍ତର ଦେବାରେ ଓ ଗପ ସଂପର୍କିତ ଆଲୋଚନାରେ ଭାଗ ନେବା ପାଇଁ ସୁଯୋଗ ପାଇଥିଲେ କି ? ଏହିପରି ଭାବରେ ବିଷୟଟିର ମୂଲ୍ୟାୟନ କଲେ ପିଲାମାନଙ୍କର ଭାଷା ଓ ଶ୍ରବଣ ଦକ୍ଷତା କିପରି ଉନ୍ନତି ଘଟୁଛି ଆପଣ ଜାଣିପାରିବେ । ଏହା ସହିତ ଗଳ୍ପକଥନ କୌଶଳରେ ଉନ୍ନତି ପାଇଁ ଆପଣଙ୍କୁ ମଧ୍ୟ ମୂଲ୍ୟାୟନରେ ସାହାଯ୍ୟ କରିବ ।
- ଗଳ୍ପ କଥନ ସମୟରେ ପିଲାମାନେ ଆପଣଙ୍କ ପାଖରେ ବା ଦୂରରେ ବସିଥାନ୍ତି । ସମସ୍ତଙ୍କ ସହିତ ଯେପରି ଚକ୍ଷୁ ସଂପର୍କ ହୁଏ ସେ ବିଷୟରେ ଆପଣ ନିଶ୍ଚିତ ହୁଅନ୍ତୁ ।

ଗଳ୍ପକଥନ ପିଲାମାନଙ୍କୁ ଶ୍ରବଣ ବ୍ୟତୀତ ବିଭିନ୍ନ ଶିକ୍ଷଣକାର୍ଯ୍ୟ ପାଇଁ ମଧ୍ୟ ଉତ୍ସାହିତ କରିପାରେ । ଗଳ୍ପରେ ଥିବା ବିଭିନ୍ନ ରଙ୍ଗ ବା ସଂଖ୍ୟାଗୁଡିକୁ ଟିପି ନେବା ପାଇଁ ପିଲାଙ୍କୁ କୁହାଯାଇପାରେ । ଦଳରେ ବୁଝାଇ ଦେବା, ଗଳ୍ପର ସମାପ୍ତିକୁ ପରିବର୍ତ୍ତନ କରିବା, ଦୁଇଟି ଚରିତ୍ର ମଧ୍ୟରେ ତୁଳନା କରିବା ଏବଂ ଏହାଦ୍ୱାରା କେଉଁ କେଉଁ ବିଷୟ ଉତ୍‌ଥାପିତ ହେଉଛି ଆଲୋଚନା କରିବା । ପିଲାମାନଙ୍କୁ ବିଭିନ୍ନ ଦଳରେ ଭାଗ କରି କିଛି ଚିତ୍ର ଓ ଶିକ୍ଷଣ ସାମଗ୍ରୀ ଦେଇ ଗପଟିକୁ ଏକ ଭିନ୍ନ ପରିପ୍ରେକ୍ଷୀରେ ବର୍ଣ୍ଣନା କରିବାକୁ କୁହାଯାଇପାରେ କିମ୍ବା ସେମାନେ କାହାଣୀର ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ମିଳିତ ଭାବରେ ଅଭିନୟ କରିପାରନ୍ତି ।

ବୟସ୍କ ପିଲାମାନଙ୍କୁ ଏକ ଜଟିଳ ଗପକୁ ବିଶ୍ଳେଷଣ କରିବା, କୌଣସି ଏକ ନିର୍ଦ୍ଦିଷ୍ଟ ଅପୂର୍ବ ଘଟଣାର ବିଜ୍ଞାନ ସଂପର୍କିତ ସ୍ପଷ୍ଟୀକରଣ ପାଇଁ ବିତର୍କ କରିବା, ବାସ୍ତବଧର୍ମୀ ଓ କାଳ୍ପନିକ ବିଷୟ ମଧ୍ୟରେ ପାର୍ଥକ୍ୟ ବାହାର କରିବା କିମ୍ବା ଗଣିତ ସଂପର୍କିତ ସମସ୍ୟାର ସମାଧାନ କରିବା ପାଇଁ ଆମନ୍ତ୍ରଣ କରାଯାଇପାରେ ।

## ୩ ଗୋଷ୍ଠୀରୁ ଗଳ୍ପ ସଂଗ୍ରହ

ଗଳ୍ପ କଥନ ଏପରି ଏକ ସହଭାଗୀ କାର୍ଯ୍ୟ ଯାହା ଗୋଟିଏ ପରିବାର ବା ଗୋଷ୍ଠୀକୁ ଏକତ୍ର ବାନ୍ଧିରଖିପାରେ, ଇତିହାସକୁ ସ୍ମରଣ କରାଇ ପାରେ ଏବଂ ଭାଷା ଓ ସଂସ୍କୃତିକୁ ସଂରକ୍ଷିତ କରିପାରେ । ଗୋଟିଏ ଗୋଷ୍ଠୀରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ବହୁ ଗପ ମନେ ଥିବ । ଶିକ୍ଷାର୍ଥୀ, ତାଙ୍କର ପରିବାର ବର୍ଗ ତଥା ଗୋଷ୍ଠୀକୁ ସାମିଲ କରି ଏହିପରି ଗଳ୍ପ ସଂଗ୍ରହ କରିବା ବିଦ୍ୟାଳୟ ଇତିହାସରେ ଏକ ଆନନ୍ଦଦାୟକ ଅନୁଭୂତି । ଗୋଟିଏ ଶ୍ରେଣୀରେ ଏହା କିପରି କରାଯାଇ ପାରିବ ତାର ଉଦାହାରଣ ପରିସ୍ଥିତି ଅନୁଧ୍ୟାନ ୨ରେ ପଢିପାରିବେ ।



## ପରିସ୍ଥିତି ଅନୁଧ୍ୟାନ-୨ : ସ୍ଥାନୀୟ ଗଳ୍ପ ସଂଗ୍ରହ

*ସୁଶ୍ରୀ ବବିତା ବାରିପଦାର ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଗୋଷ୍ଠୀରୁ ସଂଗୃହୀତ ଗପ ସହିତ ଭାଗୀଦାର ହେବା ପାଇଁ ପିଲାମାନଙ୍କୁ ସେ କିପରି ଉତ୍ସାହିତ କରିପାରିଛନ୍ତି ସେହି ବିଷୟରେ ଏଠାରେ ବର୍ଣ୍ଣନା କରିଛନ୍ତି ।*

ପରିବାରର ସଦସ୍ୟ କିମ୍ବା ପଡୋଶୀଙ୍କ ଠାରୁ ଗପଟିଏ ଶିଖିବା ପାଇଁ  ମୁଁ ପିଲାମାନଙ୍କୁ କହେ । ଏଥିପାଇଁ ତାଙ୍କୁ ଗୋଟିଏ ସପ୍ତାହ ସମୟ ଦେଇଥାଏ । ଏହାପରେ ପ୍ରତିଦିନ ଜଣେ ବା ଦୁଇଜଣ ଶିକ୍ଷାର୍ଥୀଙ୍କୁ ପୂରା ଶ୍ରେଣୀକୁ ଗପ ଶୁଣାଇବାକୁ ଆମନ୍ତ୍ରିତ କରିଥାଏ । ପିଲାମାନେ ବିଭିନ୍ନ ଚରିତ୍ର ପାଇଁ ଭିନ୍ନ ଭିନ୍ନ ସ୍ୱର , ଅଙ୍ଗଭଙ୍ଗୀ କରି ଗପଟିକୁ ଶୁଣାଇଥାନ୍ତି ।

ପ୍ରଥମଥର ପାଇଁ ମୋ ପିଲାମାନେ ଓଡିଆରେ ଗପଟିକୁ କହିଲେ ପରବର୍ତ୍ତୀ କାଳରେ ମୁଁ  ବାରିପଦାରେ ବ୍ୟବହୃତ ହେଉଥିବା ସ୍ଥାନୀୟ ଭାଷାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସିଦ୍ଧାନ୍ତ ନେଳି । ଏହିସବୁ ଭାଷାରେ ଗଳ୍ପଟି ସଂଗ୍ରହ କରି ଶ୍ରେଣୀରେ କହିବାକୁ ପିଲାମାନଙ୍କୁ କହିଲି । ଗପଟି ଶୁଣାଇ ସାରିବା ପରେ ସହପାଠୀମାନଙ୍କ ସହାୟତାରେ ସେମାନେ ଏହାର ଓଡିଆ ଅନୁବାଦ କଲେ ।

ଶୁଣିଥିବା ଗପର ପ୍ରଧାନ ଘଟଣା ବା ମୁଖ୍ୟ ଚରିତ୍ରଗୁଡିକୁ ଚିତ୍ର ଆଙ୍କି ବୁଝାଇ ଦେବା କିମ୍ବା ଟିପା ଖାତାରେ ଲେଖିନେବା ପାଇଁ କହିଲି ।

ନିଜ ନିଜ ଗୋଷ୍ଠୀରୁ ସଂଗ୍ରହ କରିଥିବା ଗପଗୁଡିକ ସାଥୀମାନଙ୍କ ମଧ୍ୟରେ ପରସ୍ପରକୁ ଶୁଣାଇବା ଫଳରେ ସେମାନଙ୍କ ମଧ୍ୟରେ ସୁସଂପର୍କ ଗଢି ଉଠିଲା ।

### ଟିକିଏ ଚିନ୍ତା କରନ୍ତୁ

- ଘର ଭାଷାରେ ଗପ କହିବା ପାଇଁ ଉତ୍ସାହିତ କରିବାର ଆବଶ୍ୟକତା କ'ଣ ?
- ଲାଜକୁଳାପିଲାମାନଙ୍କୁ କି ପ୍ରକାର ସହାୟତା ଦେଲେ ସେମାନେ ଶ୍ରେଣୀରେ ସହପାଠୀମାନଙ୍କ ଗପକୁ ଶୁଣିପାରିବେ ?
- ପିଲାମାନଙ୍କର ଗପ ଗୁଡ଼ିକୁ ଆଗେଇ ନେବା ପାଇଁ ଆପଣ ଆଉ କେଉଁ ସବୁ କାର୍ଯ୍ୟ କରିପାରିବେ ?

ଗୋଷ୍ଠୀରୁ ସଂଗ୍ରହ କରିଥିବା ଗପ, ଗୀତ, କବିତା ଓ ଅନ୍ୟ ମୌଖିକ ପାରମ୍ପରିକ କାର୍ଯ୍ୟ ଦ୍ୱାରା ବିଦ୍ୟାଳୟ ସହିତ ଆପଣଙ୍କ ଶିକ୍ଷାର୍ଥୀଙ୍କ ପରିବାର ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏକ ସକାରାତ୍ମକ ସଂପର୍କ ସୃଷ୍ଟି ହୋଇଥାଏ । ଏହା ପିଲାମାନଙ୍କୁ ଚିନ୍ତାମୂଳକ ପ୍ରଶ୍ନ ପଚାରିବାକୁ ଓ ନିଜ ଅଞ୍ଚଳର ଇତିହାସ ଓ ସଂସ୍କୃତି ସମ୍ବନ୍ଧରେ ଧ୍ୟାନ ଦେଇ ଶୁଣିବାକୁ ସମର୍ଥ କରିଥାଏ । ଘରଭାଷାରେ ଏହି ଗପ ଗୁଡିକ ପୁନରାବୃତ୍ତି

କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ଦ୍ୱାରା ସ୍ଥାନୀୟ ପରିବେଶରେ ଏହି ଭାଷାର ଗୁରୁତ୍ୱ ବଢିଥାଏ । ଏହି ଭାଷାରେ ବ୍ୟବହାର ମାଧ୍ୟମରେ ପିଲାମାନଙ୍କୁ ତାଙ୍କର ଓଡିଆ ଜ୍ଞାନର ବିକାଶ ପାଇଁ ସୁଯୋଗ ମିଳିଥାଏ ।

ଯଦି କିଛି ଶିକ୍ଷାର୍ଥୀ ତାଙ୍କ ଗପଟି କହିବା ପାଇଁ କୁଣ୍ଠାବୋଧ କରୁଥାନ୍ତି, ତେବେ ତାଙ୍କୁ ବିଷୟଟିର ସମାପ୍ତି ପରେ ଗପଟି କେବଳ ଆପଣଙ୍କୁ ଶୁଣାଇବାକୁ କୁହନ୍ତୁ । ଏହାଦ୍ୱାରା ସହପାଠୀଙ୍କ ସମ୍ମୁଖରେ କହିବା ପରିବର୍ତ୍ତେ ତାଙ୍କୁ ଏକ ନିରାପଦ ଓ ଏକାନ୍ତ ପରିବଶେରେ କହିବାର ସୁଯୋଗ ମିଳିବ । ସେମାନଙ୍କର ନିଜ ଉପରେ ଆସ୍ଥା ସୃଷ୍ଟି କରିବା ପାଇଁ ତାଙ୍କୁ ପ୍ରଶଂସା ଓ ଉତ୍ସାହିତ କରନ୍ତୁ । ଆପଣଙ୍କ ଜ୍ଞାତସାରରେ ଯେଉଁମାନେ ପରସ୍ପରର ଅନ୍ତରଙ୍ଗ କିମ୍ବା ଉଭୟଙ୍କର ଘର ଭାଷା ଏକ ସେମାନଙ୍କୁ ନେଇ ଏକ ଯୋଡ଼ି କରନ୍ତୁ ।

ଶ୍ରେଣୀ ଗୃହରେ ସମସ୍ତଙ୍କୁ ସାମିଲ କରିବା ଓ ସମସ୍ତଙ୍କର ଅଂଶଗ୍ରହଣ ବିଷୟରେ ଅଧିକ ଜାଣିବାକୁ ମୁଖ୍ୟ ସମ୍ବଳରେ ଥିବା 'ସଭିଙ୍କ ସଂପୃକ୍ତି' ପଢନ୍ତୁ ।



ଭିଡିଓ :'ସଭିଙ୍କ ସଂପୃକ୍ତି'

ପିଲାଙ୍କ ଗପଗୁଡିକୁ ଆଗେଇ ନେବା ବିଷୟରେ ଅଧିକ ଧାରଣା ପାଇବା ପାଇଁ ଶିକ୍ଷଣ କାର୍ଯ୍ୟ-୩ ଦେଖନ୍ତୁ ।

## ଶିକ୍ଷଣକାର୍ଯ୍ୟ ୩ : ଗୋଷ୍ଠୀରୁ ଗପ ସଂଗ୍ରହ

ଶିକ୍ଷାର୍ଥୀମାନେ ସଂଗୃହୀତ ଗପଗୁଡିକୁ ସଂଗଠିତ କରିବା ପାଇଁ ସମୟ ଆବଶ୍ୟକ କରନ୍ତି । ଏଥି ସହିତ ସମ୍ବେଦନଶୀଳତା ଓ ଯତ୍ନର ସହିତ ଯୋଜନା କରିବା ଆବଶ୍ୟକ ରହିଛି ।

- ପରିସ୍ଥିତି ଅଧ୍ୟୟନ -୨ କୁ ମାର୍ଗଦର୍ଶକ ଭାବରେ ବ୍ୟବହାରକରି ଶିକ୍ଷାର୍ଥୀମାନଙ୍କୁ ତାଙ୍କ ଘରର ସଦସ୍ୟମାନେ କୌଣସି ଗପ, ଗୀତ ବା କବିତା ସହିତ ପରିଚିତ ଅଛନ୍ତି କି ନାହିଁ ପ୍ରଶ୍ନ କରିବା ପାଇଁ ପ୍ରସ୍ତୁତ କରନ୍ତୁ । ଶିକ୍ଷାର୍ଥୀମାନଙ୍କୁ ଏହି ସବୁ ଗପ, ଗୀତ ବା କବିତାଗୁଡିକୁ ଓଡିଆ ବା ଘର ଭାଷାରେ ଶିଖିବାକୁ ଉତ୍ସାହିତ କରନ୍ତୁ । ସେମାନେ ଯଦି ଚାହାନ୍ତି ତେବେ ଗଳ୍ପକଥନ ସହିତ ସ୍ୱର, ଭାବଭଙ୍ଗୀ ଓ ଶିକ୍ଷଣ କାର୍ଯ୍ୟର ବ୍ୟବହାର କରିପାରନ୍ତି ।
- ପ୍ରତ୍ୟେକ ଦିନ ବା ସପ୍ତାହକୁ ଥରେ ଶିକ୍ଷାର୍ଥୀମାନଙ୍କର ଗଳ୍ପକଥନ ପାଇଁ ଏକ ବିଶେଷ ସମୟ ବ୍ୟବସ୍ଥା କରନ୍ତୁ ।
- ସମଗ୍ର ଶ୍ରେଣୀକୁ ଗଳ୍ପ ଶୁଣାଇବା ପୂର୍ବରୁ ଶିକ୍ଷାର୍ଥୀକୁ ଅନ୍ୟ ଜଣେ ସାଥୀ ସହିତ ବା ଗୋଟିଏ ଛୋଟ ଦଳରେ ମିଶି ଅଭ୍ୟାସ କରିବାକୁ ସୁଯୋଗ ଦିଅନ୍ତୁ ।
- ଜଣେ କିପରି ଭଲ ଓ ଆଗ୍ରହୀ ଶ୍ରୋତା ହୋଇପାରିବ ଏହା ଶ୍ରେଣୀର ଅନ୍ୟ ସଦସ୍ୟମାନଙ୍କୁ ଶୁଣାଇ ଦିଅନ୍ତୁ ।
- ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଗଳ୍ପକଥନ ଉଦ୍ୟମ ପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ଓ ତାର ସହପାଠୀମାନଙ୍କୁ ଏହିପରି କରିବାକୁ ଉତ୍ସାହିତ କରନ୍ତୁ ।
- ଗଳ୍ପଟି ଯଦି ସ୍ଥାନୀୟ ଭାଷାରେ ହୋଇଥାଏ ତେବେ ଓଡିଆ ଅନୁବାଦ ପାଇଁ ଆଲୋଚନା କରନ୍ତୁ ଓ ଗପରେ ଥିବା ଅନୁରୂପ ମୁଖ୍ୟ ଶବ୍ଦଗୁଡିକ ପ୍ରତି ଧ୍ୟାନ ଦିଅନ୍ତୁ ।
- ବିଦ୍ୟାଳୟର ସଭାଗୃହରେ ବା କୌଣସି ସ୍ଥାନୀୟ ଉତ୍ସବ ଗୁଡିକରେ ଶିକ୍ଷାର୍ଥୀମାନେ ତାଙ୍କର ଗପ ଅନ୍ୟ ଶ୍ରେଣୀର ପିଲାଙ୍କୁ ଶୁଣାଇବା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ ।
- ସେମାନଙ୍କର ଗପଗୁଡିକ ଟିପା ଖାତାରେ ଚିତ୍ର ସହ ଲେଖି ନେବାକୁ କୁହନ୍ତୁ ।

## ୪ ସାରାଂଶ

ଭାଷା ଓ ସାହିତ୍ୟ ଶ୍ରେଣୀରେ ଗଳ୍ପ କଥନ କିପରି ବିଭିନ୍ନ ଉପାୟରେ ଉପଯୋଗୀ ହୋଇପାରିବ ତାହା ଏହି ଏକକରେ ବର୍ଣ୍ଣନା କରାଯାଇଛି । ଶିକ୍ଷାର୍ଥୀମାନଙ୍କର ବୟସ ଓ ଆଗ୍ରହ ପାଇଁ ଉପଯୁକ୍ତ ଗଳ୍ପକଥନ ଅଧିବେଶନର ଯୋଜନା ପ୍ରସ୍ତୁତିରେ କେଉଁ କେଉଁ ସୋପାନ ଅନୁସରଣ କରାଯିବ ତାର ରୂପରେଖ ଏଠାରେ ଦିଆଯାଇଛି ।

ଶିକ୍ଷାର୍ଥୀମାନେ କେଉଁ କେଉଁ ଉପାୟରେ ଗଳ୍ପ ସଂଗ୍ରହ କରି ଘର ଭାଷାରେ ସହପାଠୀମାନଙ୍କୁ ଶୁଣାଇବେ ତାହା ଏଠାରେ ବର୍ଣ୍ଣନା କରାଯାଇଛି । ଏହାଦ୍ୱାରା ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ଏକ ବଳିଷ୍ଠ ସଂପର୍କ ସ୍ଥାପିତ ହୋଇପାରିବ । ଯାହାଫଳରେ ଶିକ୍ଷାର୍ଥୀମାନେ ଅନୁଭବ କରିବେ ଯେ ବିଦ୍ୟାଳୟରେ ତାଙ୍କ ଘର ଭାଷା ଓ ସଂସ୍କୃତିର ଆଦର ଅଛି ଏବଂ ତାଙ୍କ ଘର ଭାଷାରେ ଦକ୍ଷତା ବୃଦ୍ଧି ଦ୍ୱାରା ଓଡିଆ ଭାଷାରେ ମଧ୍ୟ ଦକ୍ଷତା ବୃଦ୍ଧି ହୋଇ ପାରିବ । ସାଧାରଣତଃ ଶିକ୍ଷାର୍ଥୀମାନେ ଗପ କହିବାକୁ ଓ ଶୁଣିବାକୁ ଭଲ ପାଆନ୍ତି । ନିଜର ପାଠଯୋଜନାରେ ଅଧିକରୁ ଅଧିକ ଗପ ବ୍ୟବହାରର ଉପାୟଗୁଡ଼ିକୁ ଖୋଜି ବାହାର କରନ୍ତୁ, ଫଳସ୍ୱରୂପ ଅନ୍ୟ ଯେ କୌଣସି ବିଷୟ ଶିକ୍ଷାରେ ଏହା ଉପାଦେୟ ସାବ୍ୟସ୍ତ ହେବ ।

## ସମ୍ବଳ ସମୂହ

### ସମ୍ବଳ-୧ : ଗଳ୍ପକଥନ, ଗୀତ, ଭୂମିକା ଅଭିନୟ, ନାଟକ

ଶିକ୍ଷଣ ଅନୁଭୂତିରେ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଶିକ୍ଷାର୍ଥୀମାନେ ଭଲଭାବରେ ଶିଖିପାରନ୍ତି । କୌଣସି ପ୍ରସଙ୍ଗରେ ଆଲୋଚନା ଓ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଦ୍ୱାରା ଶିକ୍ଷାର୍ଥୀମାନଙ୍କର ବୋଧଶକ୍ତି ବୃଦ୍ଧି ପାଇଥାଏ । ଗଣିତ ଓ ବିଜ୍ଞାନ ସମେତ ପାଠ୍ୟକ୍ରମର ବିସ୍ତୃତ ପରିସର ପାଇଁ ଗଳ୍ପକଥନ, ଗୀତ, ଭୂମିକା ଅଭିନୟ, ନାଟକ ପରି କିଛି ପଦ୍ଧତିର ବ୍ୟବହାର କରାଯାଇ ପାରେ ।

### ଗଳ୍ପକଥନ

ଗପ ଆମ ଜୀବନକୁ ଆନନ୍ଦିତ କରିଥାଏ । ଅନେକ ପାରମ୍ପରିକ ଗପ ଗୋଟିଏ ପିଢ଼ିରୁ ଅନ୍ୟପିଢ଼ିକୁ ଗଡି ଆସିଥାଏ । ପିଲାଦିନେ ଆମକୁ କୁହାଯାଇଥିବା ଗପ ଆମ ସମାଜର ନୀତିନିୟମ ଓ ମୂଲ୍ୟବୋଧକୁ ସୂଚାଇଥାଏ । ଶ୍ରେଣୀଗୃହରେ ଗପ ଏକ ବଳିଷ୍ଠ ମାଧ୍ୟମ । ଏଗୁଡ଼ିକ:-

- ଆମୋଦିତ କରିପାରେ ଓ ଭାବୋଦ୍ଦୀପକ ହୋଇପାରେ ।
- ଦୈନନ୍ଦିନ ଜୀବନରୁ ଆମକୁ ଏକ କଳ୍ପନା ରାଜ୍ୟକୁ ନେଇଯାଇ ପାରେ ।
- ଆହ୍ୱାନମୂଳକ ହୋଇପାରେ ।
- ନୂଆ ନୂଆ ଭାବନା ପାଇଁ ଉଦ୍ଦୀପନା ସୃଷ୍ଟି କରିପାରେ ।
- ଅନୁଭବର ସନ୍ଧାନ କରିପାରେ ।
- କୌଣସି ପରିସ୍ଥିତିରେ ବାସ୍ତବତାଠାରୁ ଦୁରେଇଯାଇ ଥିବା ସମସ୍ୟାକୁ ନେଇ ଚିନ୍ତା କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ପିଲାମାନେ ଭୟଭୀତ ହେବାର ଅବକାଶ କମ୍ ଥାଏ ।

ଗପ କହିବା ସମୟରେ ପିଲାମାନଙ୍କ ସହ ଆଖିକୁ ଆଖି ମିଶାଇ କୁହନ୍ତୁ । ଭିନ୍ନ ଭିନ୍ନ ଚରିତ୍ର ପାଇଁ ସ୍ୱର ବଦଳାଇବା ଓ ଆବଶ୍ୟକ ସ୍ଥଳେ ସ୍ୱରର ଉତ୍ଥାନପତନ କରି ବଡ ପାଟିରେ କହିବା କିମ୍ବା ଫୁସଫୁସ୍ କରି କହିବା ଦ୍ୱାରା ଶିକ୍ଷାର୍ଥୀମାନେ ଆମୋଦିତ ହୋଇଥାନ୍ତି । ମୁଖ୍ୟ ଘଟଣାଗୁଡ଼ିକର ଅଭ୍ୟାସ କରିନିଅନ୍ତୁ, ଯାହା ଫଳରେ ପୁସ୍ତକର ସହାୟତା ନନେଇ ନିଜ ଭାଷାରେ ସେଗୁଡ଼ିକ ବର୍ଣ୍ଣନା କରି ପାରିବେ । ଶ୍ରେଣୀଗୃହରେ ଗପଟିକୁ ଜୀବନ୍ତ କରିବା ପାଇଁ କିଛି ସହାୟକ ସାମଗ୍ରୀ ଯଥା ଚିତ୍ର, ବିଭିନ୍ନ ଜିନିଷ,ଡ୍ରଇଂସିଟ୍....ଇତ୍ୟାଦି ସାଙ୍ଗରେ ଆଣି ପାରନ୍ତି । ଗପଟିର ଆରମ୍ଭ କଲାବେଳେ ଏହାର ଉଦ୍ଦେଶ୍ୟ ପିଲାମାନଙ୍କୁ ନିଶ୍ଚିତ ଭାବରେ ବୁଝାଇଦେବେ ଏବଂ ସେମାନେ ଏଥିରୁ କଣ ଶିଖିବେ ସେ ବିଷୟରେ ସୁଚେଇ ଦେବେ । ଗପରେ ଥିବା ମୁଖ୍ୟ ଶବ୍ଦାବଳୀ ଗୁଡିକ ସୂଚୀତ କରିଦେବେ ଓ ଅନ୍ତର୍ନିହିତ ଚିନ୍ତାଧାରା

ସଂପର୍କରେ ଧାରଣା ଦେବେ । ସାଂଗରେ ଜଣେ ପାରମ୍ପରିକ ଗପକହୁଥିବା ବ୍ୟକ୍ତିଙ୍କୁ ଆଣିପାରନ୍ତି କିନ୍ତୁ ଏହା ନିଶ୍ଚିତ କରନ୍ତୁ ଯେ ଗପରୁ କଣ ଶିଖିବା କଥା ତାହା ଉଭୟ ଗପ କହୁଥିବା ଲୋକ ଓ ଶିକ୍ଷାର୍ଥୀଙ୍କ ପାଇଁ ସ୍ପଷ୍ଟ ହେବା ଉଚିତ୍ ।

ଗଳ୍ପ କଥନ ଶିକ୍ଷାର୍ଥୀମାନଙ୍କର ଶୁଣିବା ବ୍ୟତୀତ ଅନ୍ୟାନ୍ୟ ଶିକ୍ଷଣକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ । ଶିକ୍ଷାର୍ଥୀମାନଙ୍କୁ ଗଳ୍ପରେ ବର୍ଣ୍ଣିତ ସମସ୍ତ ରଙ୍ଗଙ୍କୁ ଲେଖିନେବା , ଚିତ୍ର ଆଙ୍କିବା, ମୁଖ୍ୟ ଘଟଣାଗୁଡ଼ିକୁ ମନେ ପକାଇବା, କଥୋପକଥନ ପାଇଁ ସୁଯୋଗ ସୃଷ୍ଟି କରିବା ତଥା ଗପର ସମାପ୍ତିକୁ ବଦଳାଇବାକୁ କୁହାଯାଇ ପାରେ । ସେମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇ ପାରେ ତଥା କିଛି ଚିତ୍ର ଓ ସହାୟକ ଶିକ୍ଷଣ ସାମଗ୍ରୀ ଦେଇ ଭିନ୍ନ ଏକ ଦୃଷ୍ଟି ଭଙ୍ଗୀରେ ଗପଟିର ପୁନଃ ଅବତାରଣା କରିବାକୁ କୁହାଯାଇ ପାରେ । ଗପଟିର ବିଶ୍ଳେଷଣ କରି କେଉଁଟି ବାସ୍ତବ ଓ କେଉଁଟି କାଳ୍ପନିକ ତାହା ଚିହ୍ନଟ କରିବାକୁ କୁହାଯାଇ ପାରେ । ବିସ୍ମୟକର ଘଟଣାର ବିଜ୍ଞାନସମ୍ମତ ବ୍ୟାଖ୍ୟା କିମ୍ବା ଗାଣିତିକ ସମାଧାନ ଉପରେ ବିତର୍କ କରାଯାଇ ପାରେ ।

ପିଲାମାନଙ୍କୁ ନିଜ ନିଜର ଗପ ତିଆରି କରିବାକୁ କୁହାଯାଇ ପାରେ ଯାହା ଏକ ବଳିଷ୍ଠ ଅସ୍ତ୍ର । ଗପର ଢାଞ୍ଚା, ବିଷୟବସ୍ତୁ ଓ ଭାଷା ଦିଆଯାଇ ତାରି ପରିସର ଭିତରେ କାମ କରିବାକୁ କୁହାଗଲେ ପିଲାମାନେ ନିଜ ତିଆରି ଗପ କହିପାରିବେ । ଏପରିକି ଗଣିତ ଓ ବିଜ୍ଞାନ ଭଳି ଜଟିଳ ବିଷୟର ଚିନ୍ତାଧାରାକୁ ନେଇ ମଧ୍ୟ ଗପ କହିପାରିବେ । ବାସ୍ତବରେ ପିଲାମାନେ ଭାବନା ନେଇ ଚିନ୍ତା କରନ୍ତି ଓ ସେଥିରୁ ନୂଆ ଅର୍ଥ ଖୋଜି ବାହାର କରନ୍ତି । ତାଙ୍କ ଗପରେ ଥିବା ରୂପକ ଅଳଙ୍କାର ମାଧ୍ୟମରେ ଅନ୍ତର୍ନିହିତଭାବନାର ନିଗୂଢ଼ ଅର୍ଥଗୁଡ଼ିକ ବୁଝିପାରନ୍ତି ।

## ଗୀତ

ଗୀତ ଓ ସଙ୍ଗୀତ ଶ୍ରେଣୀରେ ଥିବା ବିଭିନ୍ନ ପ୍ରକାରର ଶିକ୍ଷାର୍ଥୀଙ୍କୁ କାର୍ଯ୍ୟକରିବା, ସଫଳ ହେବା ତଥା ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମିଳିତ ହୋଇ ଗୀତ ଗାଇବା ଦ୍ୱାରା ପରସ୍ପର ଭିତରେ ସଂପର୍କ ନିବିଡ଼ ହୋଇଥାଏ । ଏକା କରୁଥିବା କାମ ଜଣେ ପିଲା ଉପରେ କେନ୍ଦ୍ରୀଭୂତ ହୋଇଥାଏ ମାତ୍ର ସମୂହ ଗାନରେ ପ୍ରତ୍ୟେକ ଶିକ୍ଷାର୍ଥୀ ପରସ୍ପର ସହିତ ମିଶି ଯାଆନ୍ତି । ଗୀତର ଛନ୍ଦ ଓ ତାଳ ଦ୍ୱାରା ଗୀତଗୁଡ଼ିକୁ ମନେ ରଖିବା ସହଜ ହୋଇଥାଏ ଏବଂ ଏହାଦ୍ୱାରା ପିଲାମାନଙ୍କର କଥନ ଓ ଅନ୍ୟାନ୍ୟ ଭାଷାଗତ ଦକ୍ଷତା ମଧ୍ୟ ବିକଶିତ ହୋଇଥାଏ ।

ଆପଣ ନିଜେ ଜଣେ ଭଲ ଗାୟକ/ଗାୟିକା ନହୋଇ ପାରନ୍ତି ମାତ୍ର ଶ୍ରେଣୀରେ ଥିବା ଭଲ ଗାୟକମାନଙ୍କୁ ଆପଣ ନିଶ୍ଚୟ ଜାଣିଛନ୍ତି ଓ ତାଙ୍କର ସାହାଯ୍ୟ ମଧ୍ୟ ନେଇ ପାରନ୍ତି । ଅଙ୍ଗଭଙ୍ଗୀ ଓ ଶରୀରର ଛନ୍ଦ (ଗତିଶୀଳତା) ମାଧ୍ୟମରେ ଆପଣ ଗୀତଟିକୁ ମନଛୁଆଁ କରାଇପାରିବେ ତଥା ଗୀତର ଭାବ ପ୍ରକାଶ କରିପାରିବେ । ଜାଣିଥିବା ଗୀତଟିକୁ ଆପଣ ବ୍ୟବହାର କରିପାରିବେ ଏବଂ ଅପାଣଙ୍କର ଅଭିପ୍ରାୟକୁ ଖାପ ଖୁଆଇଲା ଭଳି କିଛି ଶବ୍ଦ ମଧ ବଦଳାଇ ଦେଇ ପାରିବେ । ଗୀତ ଗୁଡ଼ିକ କିଛି ସୂଚନା ବା ତଥ୍ୟ ମନେ ରଖିବା ଓ ସଂରକ୍ଷଣ ପାଇଁ ଉପାଦେୟ ପନ୍ଥା, ଏପରିକି ସୂତ୍ରାବଳୀ ଓ ତାଲିକା ଗୁଡ଼ିକୁ ମଧ୍ୟ ଗୀତ ଆକାରରେ ରଖାଯାଇ ପାରିବ । ଆପଣଙ୍କର କିଛି ଛାତ୍ର ଏହି ପୁନଃଗଠନ ପାଇଁ ଗୀତ ଓ ପଦ୍ୟ ଲେଖି ନିଜ ସୃଜନଶକ୍ତିର ପରିଚୟ ଦେଇପାରନ୍ତି ।

## ଭୂମିକାଅଭିନୟ

ଗୋଟିଏ କ୍ଷୁଦ୍ର ନାଟ୍ୟରୂପରେ ଶିକ୍ଷାର୍ଥୀମାନେ କୌଣସି ଏକ ଚରିତ୍ରରେ ଅବତୀର୍ଣ୍ଣ ହେଲେ ତାକୁ ଅଭିନୟ କୁହାଯାଏ । ସେହି ଚରିତ୍ରର ଚାଲିଚଳନ ଓ ଉଦ୍ଦେଶ୍ୟ ଅନୁଭବ କରି ପିଲାମାନେ ଅଭିନୟ କରିଥାନ୍ତି । ଏଥିପାଇଁ କୌଣସି ପାଣ୍ଡୁଲିପି ଦିଆହୋଇ ନଥାଏ । କିନ୍ତୁ ଶିକ୍ଷକ ଆବଶ୍ୟକୀୟ ସୂଚନା ଦେବା ଜରୁରୀ ଯାହାଦ୍ୱାରା ଶିକ୍ଷାର୍ଥୀମାନେ ସେହି ଚରିତ୍ର ସମ୍ବନ୍ଧରେ ଧାରଣା କରିବାକୁ ସମର୍ଥ ହୋଇଥାନ୍ତି । ଅଭିନୟରେଅଂଶଗ୍ରହଣ କରୁଥିବା ପିଲାମାନେ ଯେପରି ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କର ଚିନ୍ତାଧାରା ଓ ମନୋଭାବ ପ୍ରକାଶ କରିପାରିବେ ସେଥିପ୍ରତି ସେମାନଙ୍କୁ ଉତ୍ସାହିତ କରାଯିବା ଉଚିତ୍ ।

ଭୂମିକାଅଭିନୟର ଅନେକ ସୁବିଧା ରହିଛି । କାରଣ ଏହା-

- ଅନ୍ୟମାନଙ୍କର ଭାବନାକୁ ବୁଝିବା ଭଳି କରିବା ବାସ୍ତବ ଓ ଜୀବନଧର୍ମୀ ପରିସ୍ଥିତିର ସନ୍ଧାନ କରିଥାଏ ।

- ସିଦ୍ଧାନ୍ତ ନେବାର କୌଶଳ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେଇଥାଏ ।
- ଶିକ୍ଷଣରେ ସମସ୍ତ ଶିକ୍ଷାର୍ଥୀଙ୍କର ସକ୍ରିୟ ଅଂଶଗ୍ରହଣ ଓ ନିଜର ଅବଦାନ ପାଇଁ ସମର୍ଥ କରିଥାଏ ।
- ଉଚ୍ଚ ସ୍ତରର ଚିନ୍ତନ ପାଇଁ ପ୍ରେତ୍ସାହିତ କରିଥାଏ ।

ଅଭିନୟ ଛଳରେ ଦୋକାନରୁ ସଉଦା କିଣିବା, ମେଳା ବୁଲିବା ଆଦି ବିଭିନ୍ନ ସାମାଜିକ ପରିସ୍ଥିତିରେ କଥାବାର୍ତ୍ତା କରିବା ପାଇଁ 'ଅଭିନୟ' କମ୍ ବୟସର ଶିକ୍ଷାର୍ଥୀମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ । କିଛି ସହାୟକ ଶିକ୍ଷଣ ସାମଗ୍ରୀ ଦ୍ୱାରା 'ହୋଟେଲ୍', 'ଗ୍ୟାରେଜ୍' ଆଦି ସଙ୍କେତ ଥିବା ସହଜ ଦୃଶ୍ୟ ତିଆରି କରିପାରନ୍ତି । ପିଲାମାନଙ୍କୁ ପଚାରନ୍ତୁ, "ଏଠାରେ କିଏ କାମ କରନ୍ତି," 'ସେମାନେ କଣ କହନ୍ତି ।' ଆମେ ତାଙ୍କୁ କଣ ପ୍ରଶ୍ନ କରୁ ଇତ୍ୟାଦି । ଏହି ସବୁ କ୍ଷେତ୍ରରେ ଭିନ୍ନ ଭିନ୍ନ ଚରିତ୍ରମାନଙ୍କର କଥୋପକଥନର ଅଭିନୟ କରିବାକୁ ସେମାନଙ୍କୁ ଉତ୍ସାହିତ କରନ୍ତୁ ଓ ସେମାନଙ୍କର ଭାଷାର ବ୍ୟବହାରକୁ ଲକ୍ଷ୍ୟ କରନ୍ତୁ ।

ଅଭିନୟ ବଡ ପିଲାମାନଙ୍କର ଜୀବନ କୌଶଳ ବିକାଶ କରିଥାଏ । ଉଦାହରଣ ସ୍ୱରୂପ, ଶ୍ରେଣୀଗୃହରେ ଆପଣ ଦ୍ୱନ୍ଦ୍ୱ ସମାଧାନର ପନ୍ଥା ବାହାର କରିପାରିବେ । ଆପଣଙ୍କ ବିଦ୍ୟାଳୟ ବା ଗୋଷ୍ଠୀର କୌଣସି ବାସ୍ତବ ଘଟଣା ବ୍ୟବହାର କରିବା ପରିବର୍ତ୍ତେ ସେହିପରି ଅନ୍ୟ ଏକ ପୃଥକ୍ ଚିତ୍ରପଟର ଅବତାରଣା କରନ୍ତୁ ଯେଉଁଥିରେ ଏକା ପ୍ରକାରର ବିଷୟ ପ୍ରକାଶିତ ହେଉଥିବ । ପିଲାମାନଙ୍କ ପାଇଁ ଭୂମିକା ନିରୂପଣ କରନ୍ତୁ ବା ନିଜ ପାଇଁ ଭୂମିକା ବାଛିବାକୁ ସେମାନଙ୍କୁ କୁହନ୍ତୁ । ଯୋଜନା କରିବା ପାଇଁ ସେମାନଙ୍କୁ କିଛି ସମୟ ଦେଇ ପାରନ୍ତି ନଚେତ୍ ତତ୍‌କ୍ଷଣାତ୍ ଅଭିନୟ କରିବାକୁ କୁହନ୍ତୁ । ଅଭିନୟ ସମଗ୍ର ଶ୍ରେଣୀ ସମ୍ମୁଖରେ କିମ୍ବା ଛୋଟ ଛୋଟ ଦଳରେ କରାଯାଇ ପାରେ । ଯାହାଫଳରେ ଗୋଟିଏ ଦଳର ଅଭିନୟ ଅନ୍ୟ ଦଳ ଦେଖି ପାରିବେ ନାହିଁ ।

ମନେରଖନ୍ତୁ ଯେ ଏହି କାର୍ଯ୍ୟର ଉଦ୍ଦେଶ୍ୟ କେବଳ ଅଭିନୟର ଅଭିଜ୍ଞତା ପାଇଁ ଓ ଏଥିରୁ କଣ ପ୍ରତିପାଦିତ ହେଉଛି ଜାଣିବା ପାଇଁ । ସେମାନେ ଅଭିନୟ କରୁଛନ୍ତି କିନ୍ତୁ ପୁରସ୍କାର ପାଇବା ଉଦ୍ଦେଶ୍ୟରେ ସେମାନେ ଏ ଅଭିନୟ କରୁନାହାନ୍ତି ।

ବିଜ୍ଞାନ ଓ ଗଣିତ ବିଷୟରେ ମଧ୍ୟ ଅଭିନୟ ସମ୍ଭବ । ଶିକ୍ଷାର୍ଥୀମାନେ ପରସ୍ପରର ପ୍ରତିକ୍ରିୟା ମାଧ୍ୟମରେ କଣିକାର ଲକ୍ଷଣକୁ ନେଇ ପରମାଣୁର ଗୁଣ ବା ଆଚରଣର ପ୍ରତିରୂପ ହୋଇ ପାରନ୍ତି କିମ୍ବା ତାପ ଓ ଆଲୋକର ପ୍ରଭାବ ଦେଖାଇବା ପାଇଁ ସେମାନଙ୍କ ଆଚରଣ ବଦଳାଇ ପାରନ୍ତି । ଶିକ୍ଷାର୍ଥୀମାନେ ଗଣିତ ପାଇଁ କୋଣ ଓ ଆକୃତିର ଅଭିନୟ କରି ସେଗୁଡିକର ଗୁଣ ଓ ସଂଯୋଗକୁ ଆବିଷ୍କାର କରିପାରନ୍ତି ।

## ନାଟକ

ଶ୍ରେଣୀଗୃହରେ ନାଟକର ବ୍ୟବହାର ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଯୋଗାଇବା ପାଇଁ ଏକ ଉତ୍ତମ କୌଶଳ । ନାଟକ ଦକ୍ଷତା ଓ ଆତ୍ମ ପ୍ରତ୍ୟୟର ବିକାଶ କରିଥାଏ, ଏବଂ ନାଟକ ସାହାଯ୍ୟରେ ଆପଣଙ୍କ ଶିକ୍ଷାର୍ଥୀମାନେ କେଉଁ ପାଠକୁ କେତେ ବୁଝିପାରିଛନ୍ତି ତାହା ନିର୍ଦ୍ଧାରଣ କରିହେବ । ଗୋଟିଏ ନାଟକରେ ଟେଲିଫୋନ କରିବାର ଅଭିନୟ କରି, ବାର୍ତ୍ତା କିପରି ମସ୍ତିଷ୍କରୁ କର୍ଣ୍ଣଗୌହର, ଆଖି, ନାକ, ହାତ ଓ ମୁହଁକୁ ଆସି ପୁଣି ଫେରିଯାଏ ଓ ସେହି ପ୍ରକ୍ରିୟାରେ ମସ୍ତିଷ୍କ କିପରି କାର୍ଯ୍ୟକରେ ସେ ସଂପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ଦେଇପାରନ୍ତି ।

ଫେଡାଣ ଭୁଲ କରିବାର ପରିଣାମ କିପରି ବିଷମ ହୋଇଥାଏ ଏହା ଉପରେ ଛୋଟ କୌତୁକିଆ ନାଟକ ମାଧ୍ୟମରେ କୋମଳ ମତି ପିଲାଙ୍କ ମସ୍ତିଷ୍କରେ ଫେଡାଣ କରିବାର ଠିକ୍ ଉପାୟଟିକୁ ସୃଷ୍ଟି କରାଯାଇ ପାରେ ।

ଅଧିକାଂଶ ସମୟରେ ନାଟକଟି ଶ୍ରେଣୀର ଅନ୍ୟମାନଙ୍କ ପାଇଁ, ବିଦ୍ୟାଳୟ ପାଇଁ, ବାପା ମାଆଙ୍କ ପାଇଁ ବା ଗୋଷ୍ଠୀ ପାଇଁ ଅଭିନୀତ ହୋଇଥାଏ । ଏହା ପିଲାମାନଙ୍କୁ କିଛି କରି ଦେଖାଇବାକୁ ପ୍ରେରଣା ଦେଇ ଥାଏ । ନାଟକ ମଞ୍ଚସ୍ଥ କରିବା ଭଳି ଏକ ସର୍ଜନାତ୍ମକ କାର୍ଯ୍ୟରେ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ସାମିଲ୍ ହେବା ଆବଶ୍ୟକ । ଆତ୍ମବିଶ୍ୱାସ ସ୍ତରରେ ଥିବା ପାର୍ଥକ୍ୟକୁ ବିଚାର କରିବା ଜରୁରୀ ।  ପ୍ରତ୍ୟେକ ଶିକ୍ଷାର୍ଥୀ ଅଭିନେତା ନହୋଇ ପାରନ୍ତି : କିନ୍ତୁ ସଂଗଠନକାର୍ଯ୍ୟ, ପୋଷାକ ପରିଚ୍ଛଦ, ମଞ୍ଚପରିଚାଳନା ଆଦି କାର୍ଯ୍ୟ, ଯେଉଁଥିରେ ତାଙ୍କର ପାରଦର୍ଶିତା ଓ ବ୍ୟକ୍ତିତ୍ୱ ଅଧିକ ପ୍ରତିଫଳିତ ହୋଇଥାଏ ସେଥିରେ ସେମାନେ ଯୋଗଦେଇ ପାରନ୍ତି ।

ନାଟକ ମାଧ୍ୟମରେ ଆପଣ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନରେ କାହିଁକି ସାହାଯ୍ୟ କରୁଛନ୍ତି ଏହା ବିଚାର କରିବା ଜରୁରୀ । ଏହା ଭାଷାଜ୍ଞାନର ବିକାଶ ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ବିଷୟଜ୍ଞାନର ବିକାଶ ପାଇଁ ପରିବେଶ ଉପରେ ଖଣି କାର୍ଯ୍ୟର ପ୍ରଭାବ, କୌଣସି ନିର୍ଦ୍ଦିଷ୍ଟ କୌଶଳ ଗଠନ ପାଇଁ - ଦଳଗତ କାର୍ଯ୍ୟ ଇତ୍ୟାଦିର ସୁଯୋଗ ସୃଷ୍ଟି କରିଥାଏ । ନାଟକ ଅଭିନୟ ଲକ୍ଷ୍ୟରେ ନାଟକର ଶିକ୍ଷଣ ଉଦ୍ଦେଶ୍ୟ ଯେପରି ବାଧାପ୍ରାପ୍ତ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ ।

## ସମ୍ବଳ ୨ : ତିନିଟି ଗପ

### ବଡପାଟିଆ ବେଙ୍ଗୁଲୀ

ବଡପାଟିଆ ବେଙ୍ଗୁଲୀଟିଏ ଥିଲା । ସେ ସବୁବେଳେ ବହୁତ ଗପୁଥାଏ । ଥରେ ଚାରିଆଡେ ଯାଇ ସବୁ ପଶୁମାନେ ତାଙ୍କ ଛୁଆଙ୍କୁ କି ପ୍ରକାର ଖାଦ୍ୟ ଖାଇବାକୁ ଦେଉଛନ୍ତି, ବେଙ୍ଗୁଲୀ ପଚାରି ବୁଝିବାକୁ ସ୍ଥିର କଲା ।

ବଡପାଟିଆ ବେଙ୍ଗୁଲୀ ଡେଇଁ ଡେଇଁ ଯାଉଥିବା ବେଳେ ମାଆଚଢେଇକୁ ଭେଟିଲା । ମାଆ ଚଢେଇକୁ ସେ ପଚାରିଲା "ମାଆ ଚଢେଇ, ତୁମ ଛୁଆକୁ ତୁମେ କେଉଁ ଖାଦ୍ୟ ଖୁଆଅ ? ବେଙ୍ଗୁଲୀର ଅଭିନୟ କଲାବେଳେ ତୁମ ମୁହଁକୁ ଅଧିକ ମେଲେଇ ଦିଅ । 'ମୋ ଛୁଆଙ୍କୁ ମୁଁ .... (ଆପଣଙ୍କ ଶିକ୍ଷାର୍ଥୀଙ୍କୁ ପଚାରନ୍ତୁ ମାଆଚଢେଇ ତା ଛୁଆଙ୍କୁ କଣ ଖାଇବାକୁ ଦିଏ ବୋଲି ତୁମେ ଭାବୁଛ)....... ପୋକ ଯୋକ ଖାଇବାକୁ ଦିଏ" ।

ବଡ ପାଟିଆ ବେଙ୍ଗୁଲୀ ତା ମୁହଁକୁ ଆହୁରି ମେଲେଇ ଦେଇ କହିଲା, ସତେ ? ଏଥର ବଡ ପାଟିଆ ବେଙ୍ଗୁଲୀ ଦେଖିଲା ଗୋଟେ (ଚିତ୍ରଟି) ଦେଖାଇ ପିଲାଙ୍କୁ ପଚାରନ୍ତୁ, ଏଥର ବେଙ୍ଗୁଲୀ କାହାକୁ ଭେଟିଲା ବୋଲି ତୁମେ ଭାବୁଛ" ? .... ମାଆଛେଳି ଏବଂ ତାକୁ ପଚାରିଲା, 'ମାଆ ଛେଳି, ତୁମ ଛୁଆଙ୍କୁ ତୁମେ କି ଖାଦ୍ୟ ଖୁଆଅ' ?

ମାଆ ଛେଳି କହିଲା, ଛୁଆଙ୍କୁ ମୁଁ ....(ଶିକ୍ଷାର୍ଥୀମାନଙ୍କୁ ପଚାରନ୍ତୁ, ମାଆଛେଳି ତା ଛୁଆଙ୍କୁ କଣ ଖାଇବାକୁ ଦିଏ ବୋଲି ତୁମେ ଭାବୁଛ ?).......... କ୍ଷୀର ଖାଇବାକୁ ଦିଏ ?

ବଡପାଟିଆ ବେଙ୍ଗୁଲୀ ତା ମୁହଁକୁ ଆହୁରି ମେଲା କରିଦେଇ କହିଲା, 'ସତେ' ?(ସବୁ ଶିକ୍ଷାର୍ଥୀ ପରିଚିତ ଥିବା ଆଉ ଗୋଟିଏ ଦୁଇଟି ପଶୁଙ୍କ କଥା ଯୋଡ଼ି ପାରନ୍ତି । ଶେଷ ପଶୁଟି ବେଙ୍ଗୁଲୀକୁ ଭୟଭୀତ କଲାଭଳିଆ ହୋଇଥିବା ଦରକାର । ଯେମିତି କୁମ୍ଭୀର ବା ଭାଲୁ ସଂପର୍କରେ ନିମ୍ନରେ କୁହାଯାଇଛି)

ଏହାପରେ ବଡପାଟିଆ ବେଙ୍ଗୁଲୀ ମାଆଭାଲୁଟିକୁ ଭେଟିଲା ଓ ପଚାରିଲା, ମାଆଭାଲୁ , ତୁମ ଛୁଆଙ୍କୁ ତୁମେ କି ପ୍ରକାର ଖାଦ୍ୟ ଖୁଆଅ ? ବେଙ୍ଗୁଲୀକୁ ଦେଖି ମାଆଭାଲୁ ବହୁତ ଖୁସି ହୋଇଗଲା ଏବଂ କହିଲା, "ଆଁ ଆଁ , ଆଁ" ତାର ବଡ ଆଁ ଦେଖି ବେଙ୍ଗୁଲୀ ବହୁତ ଡରିଗଲା ।

ମାଆଭାଲୁ କହିଲା , 'ମୋ ଛୁଆଙ୍କୁ ମୁଁ ବଡପାଟିଆ ବେଙ୍ଗୁଲୀ ଖୁଆଏ' ।

ବଡପାଟିଆ ବେଙ୍ଗୁଲୀ ମୁହଁଟିକୁ ଛୋଟ କରିଦେଇ କହିଲା, 'ସତେ' ! (ଏହା କହିଲା ବେଳେ ଆପଣଙ୍କ ପାଟିକୁ ମନେ ରଖି ଛୋଟ କରିଦେବେ)

### "ଗୋଟିଏ ବୁଢାବାଘ ଓ ଜଣେ ଲୋଭୀ ବାଟୋଇ ।"

ଗୋଟିଏ ଜଙ୍ଗଲରେ ବୁଢା ବାଘଟିଏ ରହୁଥିଲା । କାଳକ୍ରମେ ବୟସ ବଢିବାରୁ ସେ ଆଉ ଶିକାର କରିପାରିଲା ନାହିଁ । ଦିନେ ବାଘଟି ଗୋଟିଏ ହ୍ରଦ କୂଳରେ ଯିବା ସମୟରେ ହଠାତ୍ ସୁନା କଙ୍କଣଟିଏ ଦେଖିଲା । ସଂଗେ ସଂଗେ ସେ କଙ୍କଣଟି ଉଠାଇ ନେଲା ଓ ଭାବିଲା ଯେ ଏହି କଙ୍କଣର ଲୋଭ ଦେଖାଇ ସେ ତାର ଶିକାରକୁ ଧରି ପାରିବ । ସେ ଏହିପରି ଚିନ୍ତା କରୁଥିବା ବେଳେ ହ୍ରଦର ଆରକୂଳରେ ବାଟୋଇଟିଏ ଯାଉଥିଲା ।

ବାଘଟି ତତ୍‌କ୍ଷଣାତ୍ ମନେ ମନେ ଭାବିଲା ‘ଲୋକଟି ଗୋଟିଏ ସ୍ୱାଦିଷ୍ଟ ଆହାର ହୋଇ ପାରିବ’ । ବାଟୋଇଟିକୁ ଆକର୍ଷିତ କଲାଭଳି ଚକ୍ରାନ୍ତଟିଏ ବାଘ ସଂଗେ ସଂଗେ ପରିକଳ୍ପନା କରିଦେଲା । ଲୋକଟିକୁ ଦେଖାଗଲା ଭଳି କଙ୍କଣଟି ନିଜ ପଞ୍ଝାରେ ଧରି କହିଲା, ‘ଆପଣ ଏ କଙ୍କଣଟି ନେବେ କି ?ମୋର ଏଇଟା ଆଦୌ ଦରକାର ନାହିଁ । ପଥିକଟି ତୁରନ୍ତ କଙ୍କଣଟିକୁ ନେବାକୁ ଇଛାକଲା । କିନ୍ତୁ ବାଘ ପାଖକୁ ଯିବାକୁ ଦ୍ୱିଧା ପ୍ରକାଶ କଲା । କାରଣ ଏହା ବିପଜ୍ଜନକ ବୋଲି ସେ ଜାଣିଥିଲା । ତଥାପି ସୁନ୍ଦର ସୁନା କଙ୍କଣଟି ପାଇବାକୁ ମଧ୍ୟ ଇଛା କରୁଥିଲା । ସେ ସାବଧାନତାର ସହିତ ପଚାରିଲା, ତୁମକୁ ମୁଁ କିପରି ବିଶ୍ୱାସ କରିବି ? ତୁମେ ଗୋଟିଏ ହିଂସ୍ର ଜନ୍ତୁ, ମୋତେ କାଳେ ମାରିଦେବ ।”

ବାଘଟି ନିରୀହ ଭାବରେ କହିଲା, ହେ ବାଟୋଇ ଭାଇ ! ଆପଣ ଶୁଣନ୍ତୁ, ମୋ ଯୌବନ କାଳରେ ମୁଁ ନିଶ୍ଚିତ ଭାବରେ ଗୋଟିଏ ପାପିଷ୍ଠ ଥିଲି, କିନ୍ତୁ ବର୍ତ୍ତମାନ ମୁଁ ସଂପୂର୍ଣ୍ଣ ବଦଳି ଯାଇଛି । ଜଣେ ସନ୍ନ୍ୟାସୀଙ୍କର ଉପଦେଶ ପରେ, ମୁଁ ସମସ୍ତ ମନ୍ଦକାର୍ଯ୍ୟ ପରିତ୍ୟାଗ କରିଛି । ଏ ସଂସାରରେ ଏବେ ମୁଁ ଏକାକୀ ଏବଂ ନିଜକୁ କେବଳ ଦାନଧର୍ମ କାର୍ଯ୍ୟରେ ନିୟୋଜିତ ରଖିଛି । ଆହୁରି ମଧ୍ୟ ମୋର ବୟସ ବୃଦ୍ଧି ଘଟିଛି ।ମୋର ଆଉ ଦାନ୍ତ ନାହିଁ, ତା ଛଡା ପଞ୍ଝାଗୁଡିକ ମଧ୍ୟ ଆଉ ତୀକ୍ଷଣ ନାହିଁ । ତେଣୁ ମୋତେ ଭୟ କରିବାର କୌଣସି କାରଣ ନାହିଁ । ପଥିକଟି ବାଘର କଥାରେ ଭୁଲିଗଲା ଓ ବାଘଟି ପ୍ରତି ଭୟ ପରିବର୍ତ୍ତେ ତାକୁ ସୁନାର ଲୋଭ ଗ୍ରାସ କଲା । ସେ ହ୍ରଦ ଭିତରକୁ ଡେଇଁ ପଡିଲା ଓ ପାଣିରେ ପଶି ଆରକୂଳରେ ଥିବା ବାଘ ପାଖରେ ପହଂଚିଗଲା କିନ୍ତୁ ବାଘର ଯୋଜନା ଅନୁଯାୟୀ ବାଟୋଇଟି ପଙ୍କରେ ଛନ୍ଦି ହୋଇଗଲା । ଏହା ଦେଖି ବାଘଟି ସାନ୍ତ୍ୱନା ଦେଇ କହିଲା, ଆହା ଆପଣ ଚିନ୍ତା କରନ୍ତୁ ନାହିଁ, ମୁଁ ଆପଣଙ୍କୁ ସାହାଯ୍ୟ କରିବି, ବାଘ ଧୀରେ ଧୀରେ ପଥିକ ନିକଟକୁ ଆସିଲା ଓ ତାକୁ ଧରି ପକାଇଲା, କୂଳଯାଏ ପଥିକକୁ ଘୋଷାଡି ନେଲାବେଳେ ପଥିକ ମନେ ମନେ ଭାବିଲା ଏ ଜନ୍ତୁର ସାଧୁତୁଲ୍ୟ କଥାରେ ମୁଁ ସଂପୂର୍ଣ୍ଣ ଭାବରେ ତରଳି ଗଲି । “ଯିଏ ହିଂସ୍ର ସିଏ ସର୍ବଦା ହିଂସ୍ର ହିଁ ରହିଥାଏ ।” ମୋର ଲୋଭ ଯଦି ମୋର ବିଚାର ବୁଦ୍ଧିକୁ ଲୋପ କରିନଥାନ୍ତା ତେବେ ମୁଁ ଜୀବିତ ରହି ପାରିଥାନ୍ତି । ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇ ଯାଇଥିଲା । ବାଘ ବାଟୋଇଟିକୁ ମାରି ଖାଇଦେଲା । ପଥିକଟି ନିଜ ଲୋଭର ଶିକାର ହୋଇଗଲା ଆଉ ବାଘ ତାର କୁଚକ୍ରାନ୍ତରେ ସଫଳ ହୋଇଗଲା ।

## ନୀତିଶିକ୍ଷା : ଲୋଭେ ପାପ, ପାପେ ମୃତ୍ୟୁ

### ପାରସ୍ୟର ଗୋଟିଏ କାହାଣୀ

ବହୁଦିନ ତଳର କଥା । ପାରସ୍ୟର ଜଣେ ବ୍ୟକ୍ତି ମରୁଭୂମିରୁ ଆସିଥିବା ଜଣେ ବେଦୁଇନ୍ ବ୍ୟକ୍ତିକୁ ଆତିଥ୍ୟ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ । ଖାଇବା ଟେବୁଲରେ ତାଙ୍କ ପତ୍ନୀ, ଦୁଇପୁଅ ଓ ଦୁଇ ଝିଅ ବସିଥିଲେ । ପତ୍ନୀ ଖାଦ୍ୟରେ କୁକୁଡାକୁ ପୋଡିଥିଲେ । ମଜା କରିବା ପାଇଁ ଗୃହକର୍ତ୍ତା ଅତିଥିଙ୍କୁ କହିଲେ ଆମ ସମସ୍ତଙ୍କ ମଧ୍ୟରେ ଏହାକୁ ବାଣ୍ଟି ଦିଅନ୍ତୁ । ଅତିଥି କହିଲେ ଏହା କିପରି କରିବାକୁ ହେବ ସେ ଜାଣନ୍ତି ନାହିଁ । ତେବେ ସେମାନେ ଯଦି ରସିକତା କରୁଛନ୍ତି ସେ ନିଶ୍ଚୟ ଚେଷ୍ଟା କରିବେ । ସେମାନେ ସମ୍ମତି ପ୍ରଦାନ କଲେ ଅତିଥି କୁକୁଡାଟି ଖଣ୍ଡ ଖଣ୍ଡ କରି ବାଣ୍ଟିଲା ବେଳେ କହିଲେ, ମୁଣ୍ଡଟି ଘର ମୁଖିଆଙ୍କ ପାଇଁ ଓ କୁକୁଡାର ମୁଣ୍ଡଟି ଗୃହକର୍ତ୍ତାଙ୍କୁ ଦେଲେ । କୁକୁଡାର ଡେଣା ଦୁଇଟି ଦୁଇ ପୁଅଙ୍କ ପାଇଁ ଆଉ ଗୋଡ ଦୁଇଟି ଦୁଇ ଝିଅଙ୍କ ପାଇଁ । ଏତିକି ଦେଲାପରେ ଲାଞ୍ଜଟି ବୃଦ୍ଧାଙ୍କ ପାଇଁ କହି ଲାଞ୍ଜଟି ଘର ମାଲିକାଣୀଙ୍କୁ ଦେଇ କୁକୁଡାର ଉତ୍କୃଷ୍ଟ ଅଂଶଟି ନିଜ ପାଇଁ ରଖି କହିଲେ, “ଅତିଥିଙ୍କ ପାଇଁ ଛାତିଟି ।”

ତା ପରଦିନ ଗୃହକର୍ତ୍ତା (ରସିକତାକୁ ଉପଭୋଗ କରି) ପତ୍ନୀଙ୍କୁ କହିଲେ ପାଞ୍ଚଟି କୁକୁଡା ପୋଡିବାକୁ କହିଲେ । ମଧ୍ୟାହ୍ନ ଭୋଜନ ସମୟରେ ଅତିଥିଙ୍କୁ କହିଲେ “ଆମ ଭିତରେ ଭାଗ କରିଦିଅନ୍ତୁ ।” ଅତିଥି ଉତ୍ତର ଦେଲେ, “ମୁଁ ଭାବୁଛି ଆପଣ ବୋଧହୁଏ ଖରାପ ଭାବିଲେ ।”

ଆଦୌ ନୁହେଁ, ଆପଣ ଭାଗ କରନ୍ତୁ ।

ମୁଁ କିଭଳି ଭାଗ କରିବି !

ଯୁଗ୍ମ ସଂଖ୍ୟାରେ ନା ଅଯୁଗ୍ମ ସଂଖ୍ୟାରେ ?

ଗୃହକର୍ତ୍ତା କହିଲେ ଅଯୁଗ୍ମ ସଂଖ୍ୟାରେ ।

"ଠିକ୍ ଅଛି," ଗୃହକର୍ତ୍ତାଙ୍କୁ ଗୋଟିଏ କୁକୁଡା ଦେଇ ଅତିଥି କହିଲେ ଆପଣ, ଆପଣଙ୍କ ପତ୍ନୀ ଓ ଗୋଟିଏ କୁକୁଡା ମିଶି ତିନି ହେଲା ।

ଆପଣଙ୍କର ଦୁଇ ଝିଅ ଓ ଗୋଟିଏ କୁକୁଡା ମିଶି ତିନି ହେଲା ।

ଆପଣଙ୍କର ଦୁଇ ପୁଅ ଓ ଗୋଟିଏ କୁକୁଡା ମିଶି ତିନି ହେଲା ।

ମୁଁ ଓ ଦୁଇଟି କୁକୁଡା ମିଶି ତିନି ହେଲା ।

ଏହିପରି କାମଟି ଶେଷ କରି ନିଜ ପାଇଁ ଦୁଇଟି କୁକୁଡା ରଖିଦେଲେ ।

ଗୃହକର୍ତ୍ତା ପୁଣି ଥରେ ପରିହାସ କଲେ ।

ସେମାନେ ତାଙ୍କ ଭାଗ ଉପରେ ନଜର ପକାଉଥିବା ଦେଖି ଅତିଥି ହସିଲେ ଏବଂ ତାଙ୍କର ବକ୍ତବ୍ୟ ଚାଲୁ ରଖି କହିଲେ ମନେ ହେଉଛି ମୋ ପଦ୍ଧତିରେ ଆପଣମାନେ ସନ୍ତୁଷ୍ଟ ନୁହଁନ୍ତି । ତେବେ ଯୁଗ୍ମ ସଂଖ୍ୟାରେ ଭାଗ କରି ହେବ କି ?

ସେମାନେ ରାଜି ହେବାରୁ ସେ ଉତ୍ତର ଦେଲେ ଆଚ୍ଛା । ତେବେ ମୋର ସତ୍କାରକ ମହୋଦୟ, ଆପଣ, ଆପଣଙ୍କର ଦୁଇ ପୁଅ ଗୋଟିଏ କୁକୁଡା ମିଶି ଚାରି ଆପଣଙ୍କ ପତ୍ନୀ, ତାଙ୍କ ଦୁଇ ଝିଅ ଗୋଟିଏ କୁକୁଡା ମିଶି ଚାରି । ସେ ପରିବାରର ତିନିଜଣ ପୁରୁଷଙ୍କୁ ଗୋଟିଏ କୁକୁଡା ଦେଲେ । ଏବଂ ତିନିଜଣ ସ୍ତ୍ରୀ ଲୋକଙ୍କୁ ଗୋଟିଏ କୁକୁଡା ଦେଲେ ଏବଂ ଶେଷରେନିଜେ ତିନିଟି କୁକୁଡା ନେଇ କହିଲେ ମୋତେ ଓ ତିନିଟି କୁକୁଡାକୁ ମିଶାଇ ଚାରି ।

## Additional resources

- Indian folk tales: http://www.culturalindia.net/indian-folktales/
- The World Storytelling Institute's website includes resources for teachers (http://www.storytellinginstitute.org/12.html) and a wealth of links to stories, many from India (http://www.storytellinginstitute.org/87.html)
- The Storytelling in the Classroom website has a variety of ideas and stories for teachers to tell in the classroom: http://www.storyarts.org/classroom/index.html
- Katha is a publisher that has produced more than 300 books from various regions in India; it also provides training in storytelling: http://www.katha.org/site/katha-bookstore
- Kathalaya provides training and resources for teachers in storytelling in the classroom: http://kathalaya.org/
- The Tallest Story Competition includes animated stories from different tribal groups in India: http://www.talleststory.com/
- The Society for Storytelling website contains a lot of factsheets for learning about storytelling: http://www.sfs.org.uk/resources

# References/bibliography

Morgan, J. and Rinvolucri, M. (1983) *Once Upon a Time*. Cambridge: Cambridge University Press.

Slattery, M. and Willis, J. (2001) *English for Primary Teachers*. Oxford: Oxford University Press.

Society for Storytelling (2004) 'Telling tales: a beginner's guide to telling stories' (online), March. Available from: http://www.sfs.org.uk/content/telling-tales-beginners-guide-telling-stories (accessed 18 November 2014).

Wakefield, D. (1992) *The Wide-Mouthed Frog*, Illustrated by Spaeth, C. SIL International.

Wright, A. (1996) *Storytelling with Children*. Oxford: Oxford University Press.

# Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESSIndia project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Figure 3: courtesy of Eram Gomango from Gajipati district of Odisha

Resource 2: 'The Wide-mouthed Frog', extract adapted from Keith Faulkner's 'The Wide-mouthed Frog'; 'An Old Tiger and a Greedy Traveler', adapted from the Hitopadesha, a collection of Sanskrit fables in prose and verse from the 12th century.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.